ଓଁ ଶ୍ରୀ ସାଇରାମ

## ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡିଶା

## ବାଲବିକାଶ ଗ୍ରୁପ୍ - ୨, ରାଜ୍ୟସ୍ତରୀୟ ପରୀକ୍ଷା - ୨୦୦୨

(ତା ୧୧/୦୮/୨୦୦୨ ରିଖ)

### ସମସ୍ତ ପ୍ରଶ୍ନର ଉତ୍ତର ଦିଅ (ସବୁ ପ୍ରଶ୍ନର ମୂଲ୍ୟ ସମାନ)

ସମୟ - ଘ ୧.୩୦ ମି                                        ପୂର୍ଣ୍ଣସଂଖ୍ୟା - ୫୦

୧. ଯେ କୌଣସି ଗୋଟିକର ଶୂନ୍ୟସ୍ଥାନ ପୂରଣ କର ଓ ଅର୍ଥ ଲେଖ।

(କ) ତ୍ୱନାମ କୀର୍ତ୍ତନ...................... ତବ ସୁପ୍ରଭାତମ୍।

(ଖ) ସନ୍ତୁଷ୍ଟଃ ସତତଂ ..........................ସ ମେ ପ୍ରିୟଃ।

(ଗ) ଓଁ ପୂର୍ଣ୍ଣମଦଃ ...............................ପୂର୍ଣ୍ଣମେବା ବଶିଷ୍ୟତେ।

୨. ଦୋଳପର୍ବ ବା ବୁଦ୍ଧଜୟନ୍ତୀ ପର୍ବର ଅନ୍ତର୍ନିହିତ ତାତ୍ପର୍ଯ୍ୟ ସଂକ୍ଷେପରେ ଲେଖ।

୩. ଯେ କୌଣସି ଦୁଇଟିର ଉତ୍ତର ୨ ବା ୩ ଧାଡିରେ ଲେଖ।

(କ) "ଖାଦ୍ୟ ଅନୁସାରେ ଚିନ୍ତା" ଗଳ୍ପରୁ କ'ଣ ଶିକ୍ଷା ପାଇଲ ?

(ଖ) ବିବେକାନନ୍ଦ ପ୍ରାର୍ଥନା କରିବାବେଳେ ସେ ଯାହା ଚାହୁଁଥିଲେ, ତାହା କାହିଁକି ମାଗି ପାରି ନଥିଲେ ?

(ଗ) ଶ୍ୱେତକେତୁଙ୍କୁ କେଉଁ ଜ୍ଞାନ ପ୍ରଦାନ କରିବାକୁ ଉଦ୍ଦାଳକ ଚେଷ୍ଟା କରିଥିଲେ ?

(ଘ) ମନ୍ଦିର ନିର୍ମାଣରେ ଅଲଗୀ କିପରି ଭାବରେ ସାହାଯ୍ୟ କରିଥିଲା ?

୪. ଭାରତର କୌଣସି ଏକ ପ୍ରସିଦ୍ଧ ତୀର୍ଥସ୍ଥାନ ବିଷୟରେ ଯାହା ଜାଣିଛ ସଂକ୍ଷେପରେ ଲେଖ।

୫. ଭଗବାନ ବାବା ବା ସନ୍ଥ ପୂରନ୍ଦର ଦାସଙ୍କ ଜୀବନୀରୁ ଏକ ବିଶିଷ୍ଟ ଘଟଣା ବର୍ଣ୍ଣନା କର।

୬. "ଟଙ୍କା ଆସେ ଓ ଯାଏ। ନୈତିକତା ଆସେ ଓ ବୃଦ୍ଧି ପାଏ।" ସଂକ୍ଷେପରେ ଅର୍ଥ ବୁଝାଅ।

୭. (କ) ଇସ୍‌ଲାମ୍ ଶବ୍ଦର ଅର୍ଥ କ'ଣ ?

(ଖ) ବେଦକୁ କାହିଁକି ଅପୌରୁଷେୟ କୁହାଯାଏ ?

(ଗ) "ଓଁ ଶ୍ରୀ ସାଇ ଭକ୍ତଜନ ହୃଦୟାଳୟାୟ ନମଃ" ର ଅର୍ଥ ଲେଖ।

(ଘ) 'ଶାନ୍ତି' ତିନିଥର କାହିଁକି ଉଚ୍ଚାରଣ କରାଯାଏ ?

(ଙ) ଶିଖ ଗୁରୁମାନେ ପାଞ୍ଚୋଟି 'କ' ଗ୍ରହଣ କରିବାକୁ କହିଛନ୍ତି, ସେଗୁଡିକ କ'ଣ ?

୮. କାହାକୁ କୁହାଯାଏ।

ପଞ୍ଚ ମହାଭୂତ, ପଞ୍ଚ ତନ୍ମାତ୍ର, ପଞ୍ଚ ମୂଲ୍ୟବୋଧ, ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ 'ଡି'

୯. ନିମ୍ନରେ ଦିଆଯାଇଥିବା ଗୋଟିଏ ଭଜନ ସମ୍ପୂର୍ଣ୍ଣ କର।

(କ) ହରି ହରି.................ଗିରିଧାରୀ ଭଜନ କରୋ।

(ଖ) ଜୟ ଜୟ ଜୟ ମନମୋହନା.............ଗୋପାଳନା।

୧୦. ବାଳବିକାଶ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ସୃଷ୍ଟି କରାଇବା ପାଇଁ ତୁମେ ତୁମ ସାଙ୍ଗମାନଙ୍କୁ କ'ଣ କହିବ ?

✦